ଶୁଭପଲ୍ଲବ ଶିଶୁରାଇଜ

ଶିଶୁପଲ୍ଲବ

କାହାଣୀ ଆମ ପିଲାମାନଙ୍କ ପାଇଁ

(୩ୟ ସଂଖ୍ୟା)



ଓଡ଼ିଆ ଶିଶୁ ପତ୍ରିକା

শুভপল্লব শিশুরাইজ

শিশুপল্লব

কাহাণী আম পিলামানঙ্ক পাইঁ

৩য় সংস্করণ • ফেবୃআରୀ ୨୦୨୩

ଶুভପଲ୍ଲବ ଦ୍ୱାରା ଆମର କୁନିକୁନି ସାଥୀମାନଙ୍କ ପାଇଁ ବର୍ଷରେ ଥରେ ପ୍ରକାଶ ପାଉଛି ଏହି ଶିଶୁରାଇଜ । ପିଲାଟି ଦିନରୁ ମାତୃଭାଷା ପ୍ରତି ଆକର୍ଷଣ ବଢ଼ିଆ ଆବଶ୍ୟକ, ସେଇଥିପାଇଁ ମାତୃଭାଷା ଦିବସ ଅବସରରେ ପ୍ରକାଶ କରୁଛୁ ଏହି ବାର୍ଷିକ ସଂସ୍କରଣଟି ।

ପୂର୍ବ ଦୁଇଟିଯାକ ସଂସ୍କରଣ ଶିଶୁରାଇଜ ନାମରେ ପ୍ରକାଶ ପାଇଥିଲେ ହେଁ, ଏବେଠାରୁ ପତ୍ରିକାଟିର ନାମ ପରିବର୍ତ୍ତନ କରି ଶିଶୁପଲ୍ଲବ ନାମରେ ପ୍ରକାଶ କରୁଛୁ । ପ୍ରକାଶିତ ସମସ୍ତ ପତ୍ରିକାଗୁଡ଼ିକ ଶୁଭପଲ୍ଲବ ଷ୍ଟୋର୍, ଇସ୍ୟୁ, ଗୁଗୁଲ୍ ବୁକ୍ସ୍, ମ୍ୟାଗ୍‌ଷ୍ଟାର୍ ଆଦିରେ ପଢ଼ିପାରିବେ ।

ଯୋଗାଯୋଗ:

ଚରମ୍ପା, ଭଦ୍ରକ, ଓଡ଼ିଶା, ୭୫୬୧୦୧


ମୋବାଇଲ୍: +୯୧ ୭୦୦୮୮୯୯୬୪୩

ଇ-ମେଲ୍: sishuraija@shubhapallaba.in

ୱେବ୍‌ସାଇଟ୍: sishuraija.shubhapallaba.com

Scan to Install Adroid APP

(an Ad-free App for children)



ଶିଶୁ ରାଇଜ

- ୨ୟ ସଂସ୍କରଣ
- ଫେବୃଆରୀ ୨୦୨୨

ସଂପାଦନା: ପଲ୍ଲବୀ ପୂଜାପଣ୍ଡା

ଅଳଂକରଣ: ସଂଗ୍ରାମ ସେନାପତି

୨୦୨୦ ଶିଶୁ ଦିବସ ଅବସରରେ ଏକ ବାର୍ଷିକ ଶିଶୁ ପତ୍ରିକାର ପରିକଳ୍ପନା କରାଯାଇଥିଲା, ଯାହାର ୨ୟ ସଂସ୍କରଣ ପ୍ରକାଶ ପାଇଥିଲା ୨୦୨୨ ମସିହାର ମାତୃଭାଷା ଦିବସ ଅବସରରେ । ୧୦ଟି ଗପ, କବିତା ସମେତ ୭ଟି ଚିତ୍ରାଙ୍କନକୁ ନେଇ ପ୍ରସ୍ତୁତ ହୋଇଥିଲା ଏହି ପତ୍ରିକାଟି, ଯାହାକି issue.com, Google Book ସହିତ ଶୁଭପଲ୍ଲବ ଷ୍ଟୋର୍‌ରେ ପଢ଼ିବାକୁ ମାଗଣାରେ ଉପଲବ୍ଧ ଅଛି ।

ସମ୍ପାଦନା ମଣ୍ଡଳୀ



ପଲ୍ଲବୀ ପୂଜାପଣ୍ଡା

(ମୁଖ୍ୟ ସମ୍ପାଦିକା)



ସଂଗ୍ରାମ ସେନାପତି

(ଅଳଂକରଣ)



ଏହି ସଂସ୍କରଣରେ...

ଚିତ୍ରାଙ୍କନ

୦୧. ଦେବାଂଶ ନନ୍ଦ

୦୨. ଶ୍ରେୟାଂଶ ଷଡ଼ଙ୍ଗୀ

୦୩. ଶରଣ୍ୟା ମହାନ୍ତି

୦୪. ସ୍ମୃତି ସ୍ମରିତା ସେଠୀ



୦୧ ସମ୍ପାଦିକାଙ୍କ କଲମରୁ...
ପଲ୍ଲବୀ ପୂଜାପଣ୍ଡା

୦୨ ଶିଶୁଟିଏ ସିଏ ଶିଶୁଟିଏ
ସୁବ୍ରତ ମଲିକ

୦୩ ସାବାସ୍ ଶିବାଂଶୀ
ସ୍ୱରୂପ କୁମାର ନାୟକ

୦୪ ହୁଅନ୍ତି ଯଦି ମୁଁ
ରାମ ଚନ୍ଦ୍ର ପ୍ରଧାନ

୦୫ ପଣତକାନି
ଜି. କ୍ରିଷ୍ଣା ରେଡ୍ଡି

୦୬ ଅବୁଝା ବାପା
ସୌମ୍ୟ ରଞ୍ଜନ ମହାପାତ୍ର

୦୭ ସାବସ ପ୍ରୀତି
ମଧୁମିତା ମିଶ୍ର

୦୮ କର୍ମଫଳ
ହିମାଂଶୁ ଭୂଷଣ ସାହୁ

୦୯ ସାହେବ
ଲକ୍ଷ୍ମୀ କାନ୍ତ ବେହେରା



ସମ୍ପାଦିକାଙ୍କ କଲମରୁ...

ଦ୍ୱିତୀୟ ଶ୍ରେଣୀ ଉତ୍ତୀର୍ଣ୍ଣ ହେଲା ପରେ ପୁତୁଲର ତୃତୀୟ ଶ୍ରେଣୀରେ ପ୍ରଥମ ଦିନ । ସ୍କୁଲରେ ପମି ପୁତୁଲର ସବୁଠୁ ଭଲ ସାଙ୍ଗ । ଦୁହେଁ କ୍ଲାସ୍‌ରେ ଏକାଠି ବସନ୍ତି, ଖେଳନ୍ତି ଟିଫିନ୍ ବି ବାଣ୍ଟିକି ଖାଆନ୍ତି ।

ପ୍ରଥମ ପିରିୟଡ଼ରେ ସାହିତ୍ୟ ସାର୍ ଆସି କହିଲେ ଆଜି ସମସ୍ତଙ୍କ ଠାରୁ ଅନୁଚ୍ଛେଦ ପଢ଼ା ନିଆଯିବ । ସାର୍ ଯାହାକୁ ଯେଉଁ ଅନୁଚ୍ଛେଦଟି ପଢ଼ିବାକୁ କହିବେ ତାକୁ ଛିଡ଼ା ହୋଇ ସ୍ପଷ୍ଟ ଭାବରେ ସେଇଟିକୁ ପଢ଼ିବାକୁ ହେବ । ସବୁ ପିଲା ପରସ୍ପରକୁ ଅନାଅନି ହେଲେ । କାରଣ କେହି ଜଣେ ବି ଆଗରୁ ପ୍ରସ୍ତୁତ ନଥିଲେ ।

ପ୍ରଥମ, ଦ୍ୱିତୀୟ ବେଞ୍ଚ ସରି ତୃତୀୟ ବେଞ୍ଚ ପାଳି ପଡ଼ିଲା । ଯେଉଁଠି ବସିଥାନ୍ତି ପୁତୁଲ ଆଉ ପମି ସହ ସେମାନଙ୍କର ଅନ୍ୟ ଦୁଇ ସାଙ୍ଗ । ସାର୍‌ଙ୍କ ମୁହଁରେ ଟିକେ ଟିକେ ବିରକ୍ତ ଭାବ ଦେଖି ସମସ୍ତେ ଡରିକି ଥରିଲେଣି । ପମି ପରେ ପଡ଼ିଲା ପୁତୁଲର ପାଳି । ପୁତୁଲ କମା ପୂର୍ଣଚ୍ଛେଦ ପାଖରେ ଯଥେଷ୍ଟ ନିଶ୍ୱାସ ନେଇ ଗଳଗଳ କରି ସ୍ପଷ୍ଟ ପଢ଼ିଗଲା । ସାର୍ ଖୁସି ହୋଇ ଆଉ ଦୁଇଟି ଅନୁଚ୍ଛେଦ ପଢ଼ିବାକୁ କହିଲେ । ପୁତୁଲ ଏଥର ମଧ୍ୟ ସ୍ପଷ୍ଟ ଉଚ୍ଚାରଣ କରି ପଢ଼ିଦେଲା । ଏଥର ସାର୍ ଆହୁରି ଖୁସି ହୋଇଗଲେ ଏବଂ ତାକୁ ଦୁଇଟି ଚକ୍ ପୁରସ୍କାର ଦେଇ କହିଲେ, "ଶୁଣିଲ ତ ପିଲାମାନେ ଆଗକୁ ଏଇମିତି ପୁତୁଲ ପରି ସମସ୍ତେ ସ୍ପଷ୍ଟ ଗଳା ଏବଂ ଶବ୍ଦ ଉଚ୍ଚାରଣ କରି ଅନୁଚ୍ଛେଦ ପଢ଼ା ନିୟମିତ ଅଭ୍ୟାସ କରି ଆସିବ ।"

ଏବେ ସ୍କୁଲ ଛୁଟି ହେବାର ବେଳ । ସବୁଦିନ ପରି ପମି ଆଉ ପୁତୁଲ ହାତ ଧରାଧରି ହୋଇ ସ୍କୁଲରୁ ଫେରୁଥାନ୍ତି । ବାଟରେ ପମି ହଠାତ୍ ପୁତୁଲର ହାତ ଛାଟିଦେଇ କହିଲା, "ଯା ! ମୁଁ ଆଉ ତୋ' ସହ ଜମାରୁ ସାଙ୍ଗ ହେବିନି !"

ପୁତୁଲ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "କାହିଁକି? ଆମର ତ ବିଲକୁଲ ଝଗଡ଼ା ହେଇନି ! ତୁ ଏମିତି କାହିଁକି କହୁଚୁ ପମି?"

ଏଥର ପମି ସବୁକଥା କହିଲା, "ତୁ ଆଗରୁ ପଢ଼ା ଅଭ୍ୟାସ କରି ଆସିଥିଲୁ ହେଲେ ମୋତେ କାହିଁକି କହି ନଥିଲୁ ଯେ?"

ପୁତୁଲ କହିଲା, "ଧେତ୍ ମୁଁ କେବେ ଅଭ୍ୟାସ କଲି । ମୁଁ ତ ଆଜି ପ୍ରଥମଥର ସେଇ ଅନୁଚ୍ଛେଦ ସବୁ ପଢ଼ିଲି । ଆଉ ତୁ ତ ଦେଖିଲୁ ସାର୍ ତାଙ୍କ ଇଚ୍ଛା ଅନୁଯାୟୀ ସମସ୍ତଙ୍କୁ ଅଲଗା ଅନୁଚ୍ଛେଦ ପଢ଼ିବାକୁ କହୁଥିଲେ ଯେଉଁ ସବୁ ଏଯାଏଁ ଆମ ଶ୍ରେଣୀରେ ପଢ଼ା ମଧ୍ୟ ହୋଇନାହିଁ ।"

ପମି ଏଥର ଟିକେ ଭାବି କହିଲା, "ଆରେ ହଁ ସତେ ତ ! ତା' ହେଲେ ତୁ କେମିତି ସେସବୁ ପଢ଼ିପକେଇଲୁ ଯେ ! ସେ ବି ଏତେ ସ୍ପଷ୍ଟ ଭାବରେ?"

ଏଇ କ୍ରେଡ଼ିଟ୍ ତ ପୂରା ମୋ ଜେଜେବାପାଙ୍କୁ ଯାଉଛି । ସିଏ ପା' ସବୁଦିନ ମୋତେ ଡାକି ଖବରକାଗଜ ପଢ଼ାନ୍ତି । ସେଇ ଅଭ୍ୟାସଟା ଥିଲା ତ ସେଥିପାଇଁ ପଢ଼ିଦେଲି ନା'ଉ ।"

ଓହୋ... ତୋ ଜେଜେବାପା ତତେ ପାଠ ବି ପଢ଼ାନ୍ତି?" ପମି ଆଶ୍ଚର୍ଯ୍ୟ ହୋଇ ପଚାରିଲା ।



ଆରେ ଖାଲି ସେତିକି ନୁହଁ, ଜେଜେମାଆ ତ ମୋତେ କେତେ ଗପ କୁହନ୍ତି, ଗୀତ ବୋଲନ୍ତି, ଶ୍ରୀରାମଙ୍କ କଥା, ହନୁମାନଙ୍କ କଥା, ଶ୍ରୀକୃଷ୍ଣଙ୍କ ପିଲାଦିନ କଥା ଆହୁରି କେତେ କ'ଣ ! ତୁ ବ୍ୟସ୍ତ ହ'ନା ମୁଁ ତତେ ସେ ସବୁ କହିବି ।"

ପମି ଘରକୁ ଫେରି ଟିଭି ଦେଖୁଥାଏ । ବାପା ଅଫିସ୍‌ରୁ ଫେରିଲେ । ପମି ଟିଭି ରିମୋଟ ଛାଡ଼ିଦେଇ ଯାଇ ପାପାଙ୍କ କାନ୍ଧରେ



ଝୁଲି ପଡ଼ିଲା । ପାପା ବି କେତେ ଗେଲ କଲେ ପମିକୁ ।

ପାପା ! ତମେ ପ୍ରୋମିଜ୍ କର ମୁଁ ଏବେ ଯାହା ମାଗିବି ତମେ ସେୟା ଆଣିଦେବ !"

ହସିଦେଇ ତା' ପାପା କହିଲେ, "ମୋ ଝିଅ ମାଗିବି ଆଉ ମୁଁ ମନା କରିଦେବି ! ଏମିତି କେବେ ହେଇଚି ନା ହବ ! ଆରେ...!"

ହଉ ତା' ହେଲେ... ଏଇ ମାସରେ ଆମେ ଯେତେବେଳେ ଜେଜେବାପା ଆଉ ଜେଜେମାଆଙ୍କୁ ଦେଖା କରିବାକୁ ଆଶ୍ରମ ଯିବା ସେତେବେଳେ ସେମାନଙ୍କୁ ଆମ ସାଙ୍ଗରେ ନେଇ ଆସିବା ! ଆଉ ମାମା ମୁଁ ପ୍ରୋମିଜ୍ କରୁଛି ପାଠପଢ଼ାରେ ମୋର ବିଲକୁଲ ବି ଅସୁବିଧା ହେବନି । ତମେ ଜାଣିଛ, ପୁତୁଲକୁ ନା ତା' ଜେଜେବାପା ଆଉ ଜେଜେମାଆ ହିଁ ପାଠପଢ଼ାରେ ସାହାଯ୍ୟ କରୁଛନ୍ତି । ଆଉ ଏ ସୁଜାତା ଆଣ୍ଟିଙ୍କୁ ତ କିଛିବି ଜଣାନାହିଁ । ଗଧୁଣିଟା !"

ପୁଣି ତା' ମାମା ପାଖକୁ ଦୌଡ଼ି ଯାଇ ପୁଣି ପମି ଆରମ୍ଭ କଲା, "ମାମା ! ଅଜା ଆଈ ବି ତ ଦୁଦୁଲ ଆଉ ପ୍ରାଚୀ ଦିଦିଙ୍କ ସହିତ ତାଙ୍କ ଘରେ ହିଁ ରହୁଛନ୍ତି ନା ! ପ୍ଲିଜ୍ ମାମା ପ୍ଲିଜ୍ ପାପା ପ୍ଲିଜ୍ !"

ଆହୁରି କ'ଣ କ'ଣ ସବୁ କହିଯାଉଥାଏ ପମି । ସ୍ତବ୍ଧ ହୋଇ ପରସ୍ପରକୁ ଚାହିଁରହିଥାନ୍ତି ତା' ମାମା ବାପା ।।

ଶିଶୁଟିଏ ସିଏ ଶିଶୁଟିଏ

✍ସୁବ୍ରତ ମଲିକ

ସିଏ ଦେଲେ ହସି, ସରଗର ଶଶୀ
ଲାଗଇ ଓହ୍ଲାଇ ଆସିଛି ଧରା,
ମନ ମୋହିନିଏ, ସରଳ ପଣରେ
ଚପଳତା ପ୍ରତି ଅଙ୍ଗରେ ଭରା ॥

କଢ଼ ହୋଇଅଛି ଆଜି ସିଏ ସିନା
ରାତି ପାହିଗଲେ ଫୁଲଟେ ହେବ,
ରୂପରେ ଗୁଣରେ ବାସରେ ସଭିଙ୍କ
ହୃଦୟ ସହଜେ କିଣି ଯେ ନେବ ॥

ଥରିଲା ଓଠରୁ, ବନେଇ ଚୁନେଇ
ଦୁଇ ପଦ ଯେବେ କୁହଇ କଥା
ଦୁଃଖୀ ଭୁଲେ ଦୁଃଖ, ଭୋକୀ ଭୁଲେ ଭୋକ
ସେନେହରେ ଆପେ ନୁଅଁଇ ମଥା ॥

ପାଦ ଗଣି ଗଣି, ଥିରି ଥିରି କରି
ଚାଲିରେ ହୁଅଇ ଜଗତ ଜିତା,
ଭଲ ମଣିଷଟେ ବଡ଼ ହେଲେ ହେବ
ଶୁଣାଇଲେ ବେଦ, ପୁରାଣ, ଗୀତା ॥

ବଡ଼ ସେ ହୋଇବ, ଦେଶକୁ ଗଢ଼ିବ
ଶାସନ କରିବ ନିଜର ହାତେ,
ଜାତି ପାଇଁ ପୁଣି ପ୍ରାଣ ବଳି ଦେବ
ସୈନିକଟେ ସାଜି ବଇରୀ ପାଖେ ॥

ପଡ଼ିଗଲେ ସିଏ ଉଠେଇ ଦେଇଣ
ଧୂଳି ଝାଡ଼ି ଦେଇ କୋଳେଇ ନେବା
ଆମଠାରେ ଅଛି ଆଶିଷ ଯେତେରେ
ଆସରେ ତା' ପାଇଁ ଅଜାଡ଼ି ଦେବା ॥

* * *





ଦେବାଂଶ ନନ୍ଦ
(ଭୁବନେଶ୍ୱର)

ସ୍ୱରୂପ କୁମାର ନାୟକଙ୍କ

ସାବାସ୍ ଶିବାଂଶୀ

ଶିବାଂଶୀ ଭୁବନେଶ୍ୱରରେ ଏକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢ଼େ । ପାଠ ପଢ଼ାରେ ଯେମିତି ନାଚ ଗୀତ ଖେଳ କୁଦ ସବୁରେ ଠିକ୍ ସେମିତି । ଦୁଇ ବର୍ଷ ହେଲା ଶ୍ରେଣୀରେ ପ୍ରଥମ ହେବା ସହ ସର୍ବ ଗୁଣ ସମ୍ପନ୍ନ ପୁରସ୍କାର ବି ପାଇଆସୁଛି । ବିଭିନ୍ନ ପ୍ରତିଯୋଗିତାରେ ପୁରସ୍କାର ଜିତି ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରୁଥିବାରୁ ସମସ୍ତଙ୍କର ପ୍ରିୟ । କୌଣସି ପ୍ରତିଯୋଗିତା ଆୟୋଜନ ହେଲେ ତା'ର ଖୋଜା ପଡ଼େ । ସବୁଥର ପରି ସେଥର ବି ସେ କଟକର ଏକ ବିଦ୍ୟାଳୟକୁ ଗୀତ ପ୍ରତିଯୋଗିତାରେ ଭାଗ ନେବାକୁ ଯାଇଥିଲା ।

ଦୁଇ ଜଣ ଝିଅ ତିନି ଜଣ ପୁଅଙ୍କୁ ନେଇ ଇଂରାଜୀ ସାର୍ କଟକ ଯାଇଥିଲେ । ପ୍ରତିଯୋଗିତା ଶେଷ ହେଲା । ଶିଶୁ ବର୍ଗରେ ଶିବାଂଶୀ ପ୍ରଥମ ସ୍ଥାନ ପାଇଲା । ଜଣେ ପଞ୍ଚମ ଶ୍ରେଣୀର ଭାଇ ବି ଦ୍ୱିତୀୟ ସ୍ଥାନ ପାଇଲେ । ଗାଡ଼ିରେ ଫେରିବା ବେଳେ ସାଙ୍ଗରେ ଯାଇଥିବା ଇଂରାଜୀ ସାର୍ ଶିବାଂଶୀକୁ ତାଙ୍କ ପାଖକୁ ପଛ ସିଟ୍‌କୁ ଡାକିଲେ । ତା'ର ବିଜୟ ପାଇଁ ତାକୁ ବହୁତ ପ୍ରଶଂସା କଲେ । ଖାଲି ପ୍ରଶଂସା ନୁହେଁ ଡାକି କୋଳରେ ବସେଇଲେ । ଶିବାଂଶୀ ପ୍ରଥମେ ମନା କଲେ ବି ସାର୍ ବାଧ କରି ତାକୁ କୋଳକୁ ଟେକି ନେଲେ । ତା' ଗାଲରେ ବି ଗେଲ କରିଦେଲେ । ଶିବାଂଶୀ ଡରରେ କିଛି କହି ପାରିଲାନି । ବିଦ୍ୟାଳୟରୁ ଘରକୁ ଯାଇ ଘରେ ସମସ୍ତଙ୍କୁ ନିଜ ପୁରସ୍କାର ଦେଖେଇଲା । କିନ୍ତୁ ଅନ୍ୟଥର ପରି ସେ ବିଲକୁଲ ଖୁସି ନଥିଲା ।

ଏକଥା ଲକ୍ଷ୍ୟ କରି ମାଆ ବାପାଙ୍କୁ କହିଲେ । ବାପା ପାଖକୁ ଡାକି କ'ଣ ହେଇଛି ବୋଲି ପଚାରିଲେ । ଶିବାଂଶୀ ବାପାଙ୍କର ବହୁତ ଗେହ୍ଲା । ବାପା ପଚାରିବାରୁ ସେ ଯେମିତି



ସାହାସ ପାଇଗଲା । କହିଲା, "ବାବା, ଆମକୁ ଯୋଉ ଗୁଡ୍ ଟଚ୍, ବ୍ୟାଡ୍ ଟଚ୍ ପଢ଼ା ହେଇଥିଲା ଆଜି ସାର୍‌ଙ୍କ ଟଚ୍ ମତେ ସେମିତି ବ୍ୟାଡ୍ ଟଚ୍ ଭଳିଆ ଲାଗିଲା ।" ପାଖରେ ଠିଆ ହେଇ ଶୁଣୁଥିବା ମାଆ କ'ଣ ହେଇଛି ପଚାରିବାରୁ ଯାହା ଯାହା ହେଇଥିଲା ସବୁ ମାଆଙ୍କୁ କହିଲା ଶିବାଂଶୀ ।

ପରଦିନ ବାପାମାଆ ସ୍କୁଲ୍‌କୁ ଯାଇ ପ୍ରିନ୍ସିପାଲ୍‌ଙ୍କୁ ଦେଖା କରି ସବୁ କଥା କହିଲେ । ସେ ସାଙ୍ଗରେ ଯାଇଥିବା ଅନ୍ୟ ପିଲାଙ୍କୁ ଡକେଇଲେ । ଜଣେ ପିଲା ଏକଥା ଦେଖିଥିବା କଥା କହିଲା । ସାଙ୍ଗେ ସାଙ୍ଗେ ସେ ସାର୍‌ଙ୍କୁ ଚାକିରୀରୁ ବରଖାସ୍ତ କରିବା ସହ ପୋଲିସ୍‌କୁ ବି ଖବର ଦିଆଗଲା । ଏଥର ବାହାରକୁ କେହି ଜଣେ ଝିଅ ଯାଉଥିଲେ ସାଙ୍ଗରେ ଜଣେ ଶିକ୍ଷୟିତ୍ରୀ ଯିବେ ବୋଲି ନିୟମ ହେଲା । ସବୁ ପିଲାଙ୍କୁ ଡାକି ପ୍ରିନ୍ସିପାଲ୍ ଶିବାଂଶୀକୁ ତା' ସାହସ ପାଇଁ ପୁରସ୍କୃତ କରିବା ସହ ଅନ୍ୟ ପିଲାଙ୍କୁ ମଧ୍ୟ ଏପରି କିଛି ହେଲେ ନ ଡରି ଜଣେଇବା ପାଇଁ ଉପଦେଶ ଦେଲେ । ଶିକ୍ଷକ ଶିକ୍ଷୟିତ୍ରୀ ସବୁ ତାକୁ ସାବାସ ଶିବାଂଶୀ କହିଲେ ।

* * *









ଦେବାଂଶ ନନ୍ଦ

(ଭୁବନେଶ୍ୱର)



ହୁଅନ୍ତି ଯଦି ମୁଁ

✍ରାମ ଚନ୍ଦ୍ର ପ୍ରଧାନ

ହୁଅନ୍ତି ଯଦି ମୁଁ ସକାଳ ସୁରୁଜ
କରନ୍ତି ଅନ୍ଧାର ଦୂର
ସୁନେଲି କିରଣ ବାଣ୍ଟନ୍ତି ସଭିଙ୍କୁ
ନ ଦେଖି ଆପଣା ପର ।

ହୁଅନ୍ତି ଯଦି ମୁଁ ସବୁଜ ଗଛଟେ
ଦିଅନ୍ତି ସଭିଙ୍କୁ ଛାଇ
କଳୁଷିତ ନାଶି ବଞ୍ଚାନ୍ତି ଜୀବନ
ଶୁଦ୍ଧ ଅମ୍ଳଜାନ ଦେଇ ।

ହୁଅନ୍ତି ଯଦି ମୁଁ ଛୋଟିଆ ଫୁଲଟେ
ଫୁଟନ୍ତି ସଞ୍ଜ ସକାଳେ
ବିତରାଇ ବାସ ଖୁସିରେ ନାଚନ୍ତି
ପବନର ତାଳେ ତାଳେ ।

ହୁଅନ୍ତି ଯଦି ମୁଁ ଅସରାଏ ମେଘ
ଝରନ୍ତି ବରଷା ହୋଇ
ସୁଶୀତଳ ଜଳ ଭରନ୍ତି ଧରାରେ
ଜନ ମନ ମୋହି ନେଇ ।

ହୁଅନ୍ତି ଯଦି ମୁଁ ଶ୍ରୀମନ୍ଦିର ନେତ
ଉଡୁଥାନ୍ତି ଫରଫର
ଭକତିରେ ମଜି ଜଗନ୍ନାଥ ନାମ
ଗାଉଥାନ୍ତି ନିରନ୍ତର ।

* * *



ଜି. କ୍ରିଷ୍ଣା ରେଡ୍ଡିଙ୍କ

ପଣତକାନି

Photo: Mostafameraji


ରବିବାର ସକାଳ ଦଶ ଘଡ଼ି ହେବ ମାନେ ଗେଟ୍ କତିରେ ଜଗନ୍ । ଏକବାରେ ନିରୋଳା ରହିବ ହିଁ ରହିବ । ଅପଲକ ଚାହାଣୀରେ ଅନେଇ ଥିବ । ଆକାଶ ମୁହାଁ ହୋଇ ପକ୍ଷୀ ପଲକୁ ନିରେଖି ବସିଥିବ । କ'ଣ ଗୁଡ଼ାଏ ଭାବେ କହିପାରେନି କାହାକୁ । ଗୁଣୁଗୁଣୁ ହୋଇ ଗୀତର ଧାରେଧାରେ କେତେବେଳେ କେମିତି ଏପଟ ସେପଟ ହେବ । ନିରିମାଖୀ ମୁଖରେ, ହସର ଝଲକଟିଏ କେଜାଣି କେଉଁଠି ହଜେଇ ଆସିଛି । ତା' ସାଙ୍ଗର ପିଲାମାନେ ତା'ର ଏ ପ୍ରକାର ଖିଆଲୀ ଗୁଣକୁ ଧରି ସାରିଲେଣି । ଆକଟ କରନ୍ତିନି କି ଆଗୁଳ ହୁଅନ୍ତିନି ।

କିନ୍ତୁ ପିଲାଟା ଏକାବାଗକେ ସୁଧାର ଆଉ ବୋଲକରା । ହଷ୍ଟେଲ ଜଗୁଆଳୀ କାମ ଧରିବା ତା'ର ବର୍ଷେ ଚାରିଟା ଚାଲୁଛି । ଜଗବନ୍ଧୁ ପିଲାମାନଙ୍କୁ ପରଖିବା ଭାଗମାପ ତଉଲି ପାରିଲାଣି । ପାଠୁଆ ଓ ଗୁଣବନ୍ତ ପିଲାଟା ଜଗନ୍ । ଏମିତି ପିଲାକୁ ହତାଦର, ଦହଗଞ୍ଜ କରିବାକୁ କେମିତି ମନବଳେ କେଜାଣି? ସୁନାମୁଣ୍ଡା ପିଲାକୁ ସପ୍ତାହକୁ ନହେଲା ନାହିଁ ଦି ମାସକୁ ଥରୁଟିଏ ଭେଟି ଆସନ୍ତେନି । ନୂଆଖାଇ ଯାଇକି ପାଞ୍ଚ ମାସ ଚାଲିଲାଣି ।

ରବିବାର ହଷ୍ଟେଲ ଗେଟରେ ଏମିତି ଘଣ୍ଟା ଘଣ୍ଟା ବିତାଏ ଜଗନ୍ । ତା' ଅଷ୍ଟମ ଶ୍ରେଣୀର ସାଙ୍ଗମାନଙ୍କ ବାପାମାଆମାନେ ମାସକୁ ଦି'ଥର ସେମାନଙ୍କୁ ଭେଟି ଆସନ୍ତି । ଦେହପା'ଠୁ ଆରମ୍ଭ କରି ଖେଳ କସରତ ପର୍ଯ୍ୟନ୍ତ ବହେ ଗପସପ ହୁଅନ୍ତି । ଗେହ୍ଲରେ ପରଷି ଦିଅନ୍ତି ମାଆମାନେ ନିଜ ହାତରନ୍ଧା ଆରିଷା, ପୁରଦିଆ ପିଠା, ବଡ଼ିଚୂରା ସହ ଦହି ବାଇଗଣ । ଲେଟେଷ୍ଟ ଡିଜାଇନ୍‌ର ପୋଷାକ, ନୂଆ ପ୍ରକାରର ଖେଳନା, ସୁଆଦିଆ ବିସ୍କୁଟ, ମିକ୍ସଚର, କମିକ୍ସ ବହି ମିଳେ । ବେଳେବେଳେ ମୋବାଇଲ୍‌ରେ କୁଣିଆମଇତ୍ରଙ୍କ ସହ ଢେର୍ ଗପ ହୋଇଯାଏ । ମାଆବାପାଙ୍କୁ ନେଇ ସେମାନଙ୍କ ମନ ଅଗଣା ଗର୍ବରେ ନାଚିଉଠେ ।



ବିଚରା ଜଗନ୍ ପାଇଁ ଏସବୁ ସାତ ସପନ । ବାପା ପୋଲିସ ଅଫିସର । ଗାଆଁ ଠାରୁ ଅଶୀ କିଲୋମିଟର ଦୂରରେ ତାଙ୍କ ଥାନା । ମାଆ ସମିତିସଭ୍ୟା । ବ୍ଲକ ମହିଳା ସମିତିର ସଭାପତି । ବାପା ତା' ପାଇଁ ଭାରି ଭଲ । ଗାଁ ସ୍କୁଲରେ ପଢ଼ିଲାବେଳେ ବାପା ସହ ଖେଳ, ହସ ମଜାକଥା, ନଈ ପହଁରା, ଆମ୍ବତୋଳା, ଫିଲିମ୍ ଦେଖା, ଚାଟ୍, ଜଳଖିଆ, ଆଇସକ୍ରିମ, ବେଳେବେଳେ କଫି ପାନ । କେତେ ମଜା, ମଜଲିସ୍ ନ କରିଛି ସିଏ ! ଗାଁ ପିଲାମାନଙ୍କର ସର୍ଦ୍ଦାର ଥିଲା ସେ । ସପ୍ତମରେ ପଢୁଥିଲେ ବି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ତା'ର ପ୍ରଭାବ । ସ୍କୁଲର ଯେକୌଣସି କାମରେ ଶିକ୍ଷକମାନଙ୍କ ଠାରୁ ଆରମ୍ଭ କରି ସମସ୍ତଙ୍କ ପାଇଁ ନିର୍ଭରଶୀଳତାର ଏକ ସ୍ୱତନ୍ତ୍ର ପରିଚୟ ହୋଇପାରିଥିଲା ସେ । ଜାନିଯାତ, ମେଳା, ରଥଯାତ୍ରା, ଦୁର୍ଗା ପୂଜା ଆଦି ସବୁରେ ସ୍କାଉଟ୍ ସାଥୀମେଳେ ଜନମଙ୍ଗଳ କାମ କଲେ ଖୁସିରେ ମନ ପୂରିଉଠେ ତା'ର । ଝରଣାର ଛନ୍ଦହୀନ ସ୍ୱତଃପ୍ରବୃତ୍ତ ପାଣିଧାର ପରି ତା' ଜୀବନ ଧାରା କୁଳୁକୁଳୁ ନାଦରେ ବହି ଚାଲିଥିଲା ।



ମାଆ କିନ୍ତୁ ସେଦିନ ଜିଦ୍ ଧରିଲା । ସପ୍ତମ ପରୀକ୍ଷା ଫଳପତ୍ର ମାଆଙ୍କୁ ଯେମିତି ବଢ଼େଇଛି ପାଦ ତଳୁ

ମାଟି ଖସିବା ଆରମ୍ଭ ହେଲା । ଏମିତି ନଛୋଡ଼ବନ୍ଧା କୋଉ ମାଆ ହେବାର ସେ ଶୁଣି ନଥିଲା କି ଦେଖି ନଥିଲା । ମାଆର ଜିଦ୍ ପୁଅ ଟାଉନ୍‌ରେ ପଢ଼ିବ । ଜଗନ୍ ଅବାକ୍ ହୋଇପଡ଼ିଲା । ପାଠରେ ଆଗୁଆ ଥାଇ କାହିଁକି ସେ ବନବାସ ଦଣ୍ଡ ଭୋଗିବ ! ଫେରାଦ ନେଇ ପହଞ୍ଚିଲା ବାପା ପାଖରେ । ଉଜ୍ଜ୍ୱଳ ଭବିଷ୍ୟତ ଆଳ ଦେଖାଇ ବାପା ନିଜର ଅସହାୟତା ପ୍ରକାଶ କଲେ । ବାପାଙ୍କର ଅପାରଗତାକୁ ସେଦିନ ଠିକ୍ ବୁଝିପାରିଥିଲା ଜଗନ୍ । ତା' ଭଳିଆ ଗେଲବସର ସୁନାମୁଣ୍ଡା ସ୍ନେହସରାଗୀ ପୁଅକୁ ମମତାର ପଣତକାନି ଆଜି ମାଆ କାଢ଼ି ଦେଇପାରିଲା । ନେତାପଦ ପାଇବା ପରଠୁଁ ମାଆ ଢେର୍ ବଦଳି ଗଲାଣି । ଦାମିକା ଆଖି ଝଲସିଆ ଶାଢ଼ୀ, ସୁଅଁ ପାଉଡର୍, ଲିପଷ୍ଟିକ୍, ଚିକମିକ୍ ଚୁଡ଼ି, ଅତର, ଫରେନ୍ ଭେନିଟି ପକାଇ ସଭାସମିତି ଯିବା ଫେସନ୍‌ଟା କେଉଁଠୁ ଶିଖିଲା କେଜାଣି? ଗେଲବସର ପୁଅକୁ ବି ଛାଡ଼ିଲାନି । କ'ଣ ନା ନାରୀନେତ୍ରୀ ! ମୁଁ ଘରେ ରହିଲେ, ଏସବୁ କାମରେ ଅସୁବିଧା ହେବନି? ଏମିତି କେତେ କଥା ସେ ରାତିସାରା ଭାବିଭାବି ନୟାନ୍ତ । ସାଙ୍ଗସାଥି, ଖେଳର ମଜା, ଗାଆଁ ପରିବେଶ ଛାଡ଼ିବାକୁ ପଡ଼ିବ ଭାବିଲା ବେଳକୁ ମନ ଭିତରଟା ଶୀତେଇ ଯାଉଥିଲା ।

ସେ ଦିନର କଥା ସବୁ ଗୋଟିଗୋଟି କରି ନାଚିଉଠେ ତା' ଆଖି ଆଗରେ । ଘର ଛାଡ଼ି ହଷ୍ଟେଲରେ ଏବେ ଆଠ ମାସ ହେବା ଉପରେ । ଆଜି କେହି ଜଣେ ବି ଆସିବେନି । ମୁଁ ଜାଣେ କାମର ବାହାନା ଦେଖାଇ ଅଫିସକୁ ଡକାଇ ଫୋନରେ ଦି'ପଦ କଥା ହେବେ । ଆର ଥରକୁ ଆସି ଦିନସାରା ସମୟ ଦେବେ ବୋଲି କହିବେ । ବେଶି ହୋଇଗଲା ଏଥର । କଥାବାର୍ତ୍ତା କରିବିନି ଆଉ ସେମାନଙ୍କ ସହ । ସ୍ୱାର୍ଥପର ସେମାନେ । ମୋ ଗାଁ, ସାଙ୍ଗସାଥୀ, ପର୍ବପର୍ବାଣୀ, ଖେଳକୁଦ ମୋ'ଠୁଁ ଛଡ଼େଇ ନେଇ ଆରାମରେ ରହୁଛନ୍ତି । ମୁଁ ବି ହିସାବ ନେବା ଜାଣେ । ସମୟ ଆସୁ ଉତ୍ତର ଦେବି ।

ଏମିତି ଆନମନା ହୋଇ ହଷ୍ଟେଲ ରୁମ୍‌କୁ ଫେରିବା ବାଟରେ ପ୍ରିନ୍ସିପାଲ୍ ତା' ହାତକୁ ବଢ଼େଇଦେଲେ ଲଫାପାଟିଏ । "ଜଗନ୍ ମୋ ଖୁସି ଆଜି କହିଲେ ନସରେ । ଆମ ବିଦ୍ୟାଳୟ ତୁମକୁ ପାଇ ବହୁତ ଗର୍ବିତ । ତୁମେ ଶକ୍ତି ସଂରକ୍ଷଣ ଉପରେ ପଠାଇଥିବା ଚିତ୍ର ପ୍ରଥମ ହୋଇଛି । ପଚିଶ ହଜାର ଟଙ୍କା ଓ ଉପଢୌକନ ରାଜ୍ୟସ୍ତରୀୟ ସମାବେଶରେ ରାଜ୍ୟପାଳ ଆସନ୍ତା ମାସରେ ତୁମକୁ ପ୍ରଦାନ କରିବେ । ତୁମକୁ ବିଦ୍ୟାଳୟ ତରଫରୁ ବିଶେଷ ଅଭିନନ୍ଦନ । We are really proud of you, Jagan. You are the twinkling star of our school. It is possible only because of your mother. You should be proud of your mother. May God bless you! ସେ ଯଦି ତମକୁ ହଷ୍ଟେଲ୍‌କୁ ପଠାଇ ନଥାନ୍ତେ, ହୁଏତ ତମେ କେବେ ଏତେ ସୁନ୍ଦର ଚିତ୍ର ଆଙ୍କିବାର କଳ୍ପନା କରିନଥାନ୍ତ ।" ଲଫାପା ଖୋଲି ପଢ଼ିବା ସମୟରେ ଜଗନ୍ ନିଜ ମାଆଙ୍କୁ ମନେ ପକାଇ କଇଁକଇଁ କାନ୍ଦିବା ଆରମ୍ଭ କରିଦେଲା । ମାଆ ପଣତକାନିର ଅନାବିଳ ସ୍ନେହର ସ୍ୱର୍ଶ ତାକୁ ଏତେ ଦୂରେ ଥାଇ ବି ତା' ଚାରିପାଖରେ ଥିଲା ଭଳି ଲାଗୁଥିଲା ।


* * *







ସବୁଠାରୁ ଅଧିକ ଦୁଃଖର ସମୟ


ସବୁଠାରୁ ଅଧିକ ଖୁସିର ସମୟ



ଅବୁଝା ବାପା

✍ସୌମ୍ୟ ରଞ୍ଜନ ମହାପାତ୍ର

ପଥର ଠାରୁ ଅଧିକା ଟାଣ
ସମୁଦ୍ରଠୁ ବି ଉଦାର ପଣ
ଜଗତେ ଅଛି ହୃଦୟଟା ଯାହାର
ବାପା ପରା ସେ ସଭିଏଁ ଜାଣ ॥


ତାହାଙ୍କୁ ଦେଖି ଦୁନିଆ କହେ
ଠାକୁରଙ୍କ ପ୍ରତିଛବି ସିଏ
ଅସଲରେ ଭଗବାନେ ତାଙ୍କ ରୂପ
ଜୀଇଁଲା ଦିଅଁ ସଂସାର ଗାଏ ॥

ଧନ ମୋହର ବୋଲିଣ କହି
ମାଆ ପାଖରୁ ଛଡ଼ାଇ ନେଇ
ମଥାରେ ଆଙ୍କି ଦେଇ ଖୁସିର ଚୁମା
ଆନନ୍ଦେ ଗୀତ ଯାଆନ୍ତି ଗାଇ ॥

ନିଜ ପେଟକୁ ଓପାସେ ମାରି
କଷଣ ନଈ ହୁଅନ୍ତି ପାରି
ଆମ ମୁଖେ ଦେବାକୁ ଆହାର ମୁଠେ
ଆପଣା ପ୍ରାଣ ଦିଅନ୍ତି ସାରି ॥

ଯେତେ ବୁଝିଲେ ଅବୁଝା ହୁଏ
ଯେତେ କହିଲେ ବି ବାକି ରହେ
ଦୁନିଆ ଦାଣ୍ଡେ ଏମିତି ସିଏ ଜଣେ
ଅବୁଝା ବାପା ଜଗତ କହେ ॥

* * *



ଖେଳରେ ମଗ୍ନ

ବାଣୀ

ମଧୁମିତା ମିଶ୍ରଙ୍କ

ସାବାସ ପ୍ରୀତି



ଅତି ସୁନ୍ଦର ଗୁଲୁଗୁଲିଆ ଛୋଟିଆ ଝିଅଟିଏ ପ୍ରୀତି । ମାଆବାପାଙ୍କର ଆଖିର ତାରା । ପଢ଼ା ସହିତ ଖେଳକୁଦ, ଚିତ୍ରାଙ୍କନ ସବୁଥିରେ ସେ ଆଗୁଆ । ସକାଳୁଆ ସ୍କୁଲ ସାରି ଘରକୁ ଆସି ପ୍ରୀତି ଅଧା ପଢ଼ା କାମ ସାରି ଦେଇଥାଏ । ଚାରିଟା ବାଜିଲେ ସେ ତା'ର ଚାରିଜଣ ସାଙ୍ଗ ସହିତ ସାଇକେଲ ଧରି ବାହାରି ଯାଏ । କଲୋନୀର ଚାରିଆଡ଼େ ସାଇକେଲ ଚଲେଇ ମଜା କରି ସନ୍ଧ୍ୟା ହେଲେ ଘରକୁ ଫେରେ । ଘରକୁ ଆସିବା ପରେ ଧୁଆଧୋଇ ହୋଇ ସଫା ଲୁଗା ପିନ୍ଧି ମା' ସହିତ ଠାକୁରଙ୍କ ପାଖରେ ମୁଣ୍ଡିଆ ମାରେ ଆଉ ତା' ପରେ ମନ ପସନ୍ଦର ଗରମ ଗରମ ଜଳଖିଆ ଖାଇ ବାକି ପଢ଼ାପଢ଼ି କରେ । ବାପା ଘରକୁ ଆସିଲେ ତା' ପଢ଼ା ବନ୍ଦ ହୋଇଯାଏ । ଗେହ୍ଲେଇ ହୋଇ ଦିନସାରା ଗପସପ କରି ରାତ୍ରି ଭୋଜନ ପରେ ମା' କୋଳରେ ଆରାମରେ ଶୋଇଯାଏ ।

ଏଇଟା ହେଲା ପ୍ରୀତିର ନିତିଦିନିଆ କାମ । ଅବଶ୍ୟ ଛୁଟି ହେଲେ ସକାଳୁ ସକାଳୁ ପ୍ରୀତି ତା'

ସାଙ୍ଗମାନଙ୍କ ସହିତ ବେଳେବେଳେ ପାଖ ପାର୍କ, ମଲ୍ କିମ୍ବା ଅନ୍ୟ ସ୍ଥାନକୁ ବୁଲିଯାଏ । ନହେଲେ ମାଆବାପାଙ୍କ ସହିତ ସିନେମା କି ପିକ୍‌ନିକ୍ ପାଇଁ ଯାଏ । ଭାରି ଆନନ୍ଦରେ ସମସ୍ତଙ୍କ ସ୍ନେହ ଶ୍ରଦ୍ଧା ପାଇ ପ୍ରୀତିର ସମୟ ବହୁତ ଖୁସିରେ କଟି ଯାଉଥିଲା ।



ଶନିବାର ଦିନ ସ୍କୁଲରୁ ଆସି ଚାରିଟା ବେଳେ ସାଙ୍ଗମାନଙ୍କ ସହିତ ସାଇକେଲ ଧରି ବୁଲିବାକୁ ଗଲା । ହେଲେ ଅଳ୍ପ ସମୟ ଭିତରେ ଫେରି ଆସିଲା । ମା' ପଚାରିବାରୁ କହିଲା, "ମାମା କାଲି ସକାଳୁ ଆମେ ଫୁଡ୍ ଦେଖିବାକୁ ଯିବୁ ବୋଲି ଭାବିଛୁ । ସେଇଠି ବୁଲାବୁଲି କରି ଏଞ୍ଜୟ୍ କରିବୁ ଆଉ ଲଞ୍ଚ ଆଗରୁ ଫେରି ଆସିବୁ । ତମେ ଅନୁମତି ଦେଲେ ଏ ପ୍ରୋଗ୍ରାମ୍ ଫାଇନାଲ କରିବୁ ।"

ମା' ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ପ୍ରୀତି ! ଫୁଡ୍ ଦେଖିବାକୁ ଯିବାଟା କ'ଣ ଗୋଟେ ପ୍ରୋଗ୍ରାମ ହୁଏ? ଫୁଡ୍ କ'ଣ ଗୋଟିଏ ମଜା କଥା କିରେ? କେତେ କଷ୍ଟ ହୁଏ ସେଇ ପରିସ୍ଥିତିରେ ବଞ୍ଚିବାଟା, ସେକଥା କେବେ ଭାବିବାକୁ ଚେଷ୍ଟା କରିଛୁ? ସେ ଲୋକମାନେ କେତେ ଅସୁବିଧାରେ ଥିବେ ଜାଣିଛୁ? ତୁ ତ ଏମିତି କହୁଛୁ ଯେମିତି ସେଇଠି କିଛି ମେଳା ଲାଗିଛି?"


"ମଜା ନୁହେଁ ତ ଆଉ କଣ ମାମା? ବିଟୁ କହୁଥିଲା ସେଇଠି ବହୁତ୍ ଗହଳି ହେଉଛି । ବହୁତ୍ ଲୋକେ ଯାଉଛନ୍ତି । ବଢ଼ିଆ ଖାଇବା ଷ୍ଟଲ୍ ସବୁ ପଡ଼ିଛି । ମାମା ମୁଁ ତ କହିବି ତମେ ଆଉ ପାପା ମଧ୍ୟ ଆସ । ଶୁଣିଛି ବହୁତ୍ ମଜା ଲାଗୁଛି ପାଣି ବଢ଼ିବାଟା ପାଖରୁ ଦେଖିଲେ ।"

"ନା'ରେ ମାଆ, ବହୁତ୍ ଅସୁବିଧା ହୁଏ ଲୋକଙ୍କୁ । ବଢ଼ିପାଣି ଭିତରେ ବଞ୍ଚିବାଟା ବହୁତ୍ କଷ୍ଟ ହୋଇପଡ଼େ ।"

"ନୋ ମାମା, ପିଙ୍କି କହୁଥିଲା ତା' ଦାଦା ସେଠାକୁ ଯାଇଥିଲେ ଆଉ ହାତ ବଢ଼େଇ କପଡ଼ାରେ କେତେ ମାଛ ବି ଧରି ଆଣିଥିଲେ । ମାମା ଏମିତିକା ମଜା ଉଠେଇବାକୁ ଚାନ୍ସଟେ ମିଳିଛି, ଆମେ ମିସ୍ କେମିତି କରିବୁ? ତମେ ନ ଆସି ପାରିଲେ ଆମେ ସେଇଠୁ ଫଟୋ ସବୁ ଉଠେଇ ଆଣିବୁ ଦେଖିଦେବ । ହେଲେ ପ୍ଲିଜ୍... ମୋତେ ମନା କରନି । ପ୍ଲିଜ୍ ପ୍ଲିଜ୍..."

ତା' କଥା ଶୁଣି ମା' ମନେମନେ କିଛି ଭାବିଲେ ଆଉ ଚୁପ୍ ରହିଲେ । ମା' ଚୁପ୍ ରହିବା ଦେଖି ସେ ହଁ କରିଦେଲେ ଭାବି ପ୍ରୀତି ଖୁସିରେ ନାଚି ଉଠିଲା । ଆଉ ସବୁଦିନ ପରି ଧୁଆଧୋଇ ହେବାକୁ ଚାଲିଗଲା । ଖଟପାଖ ଟେବୁଲ୍ ଉପରେ ରଖାଯାଇଥିବା ଇସ୍ତ୍ରୀକରା କପଡ଼ା ଅଳ୍ପ ଓଦା ହୋଇଥିବା ଦେଖି ପ୍ରୀତି ପାଟିକରି ମାଆଙ୍କୁ ଡାକିଲା ।

"ଆରେ ମୋ ହାତରୁ ସେଇଠି ଟିକେ ପାଣି ପଡ଼ିଗଲା । ଚଳେଇ ଦେ ।" ଏତକ କହି ମା' ପୂଜା ଘରକୁ ଚାଲିଗଲେ । ପ୍ରୀତି ତ ସୁନା ଝିଅଟିଏ । ମା'ଙ୍କ କଥା ଉପରେ ଆଉ କିଛି କହେନି । ପୂଜା ସମୟ ହୋଇଯାଇ ଥିବାରୁ ସେଇ ଦରଓଦା ଡ୍ରେସ୍ ପିନ୍ଧି ଠାକୁର ଘରକୁ ଆସିଲା । ଅବଶ୍ୟ କିଛି ସମୟ ପରେ ମା' ଶୁଖିଲା ପୋଷାକ ପିନ୍ଧିବାକୁ ଦେଇଦେଲେ । କିନ୍ତୁ ସବୁଦିନିଆ ଗରମ ଜଳଖିଆ ଜାଗାରେ ସେଦିନ ମା' ତାକୁ କେବଳ ବିସ୍କୁଟ ଖାଇବାକୁ ଦେଇଥିଲେ । ତାଙ୍କ ମୁଣ୍ଡ ବିନ୍ଧୁଥିବାରୁ ସେ ଜଳଖିଆ କରିପାରି ନାହାଁନ୍ତି ବୋଲି କହିଲେ । ସକାଳୁ ସେ ଖାଇଥିଲା । ତେଣୁ ବହୁତ ଭୋକ



ଲାଗୁଥିଲା ପ୍ରୀତିକୁ । ଆଉ କ'ଣ କରନ୍ତା? ସେଇ ବିସ୍କୁଟ ଖାଇ ପଢ଼ି ବସିଲା ବେଳକୁ ହଠାତ୍ ଘରଟା ପୁରା ଅନ୍ଧାର ହୋଇଗଲା । ମା' କହିଲେ ବୋଧେ ଘରର ଫ୍ୟୁଜ୍ ପୋଡ଼ି ଯାଇଛି ଆଉ ଇନ୍‌ଭର୍ଟର୍ ମଧ୍ୟ ଖରାପ ହେଇ ଯାଇଛି । ତେଣୁ ଇଲେକ୍ଟ୍ରିସିଆନ୍ ନ ଆସିବା ଯାଏଁ ଅନ୍ଧାରରେ ହିଁ ତାକୁ ପଢ଼ିବାକୁ ହେବ । ପ୍ରୀତିକୁ ଭାରି ବିରକ୍ତ ଲାଗୁଥାଏ । ପେଟ ବି ପୁରିନି ଆଉ ଅନ୍ଧାର ! ଗରମ ହେଉଛି, ବହିଆଡ଼େ ଦେଖିବାକୁ ବି ଇଚ୍ଛା ହେଉନି । ଟିଭି ନାହିଁ କି ମ୍ୟୁଜିକ୍ ନାହିଁ । ବିଞ୍ଚଣା ଧରି ବିଞ୍ଚି ହେବାକୁ ପଡୁଛି ଯାହା ସେ କେବେ ଜାଣିନି । ହାତ ବି କାଟୁଛି ।

ଏତିକି ବେଳେ ବାପା ଆସି ପହଞ୍ଚି ଗଲେ ଆଉ ପ୍ରୀତି ଦୌଡ଼ିଯାଇ ତାଙ୍କୁ କୁଣ୍ଢେଇ ଧରିଲା । ରାତ୍ରି ଭୋଜନ ପାଇଁ ମା' ଚୁଡ଼ାଚକଟା ନେଇ ଆସିଲେ । ଅନ୍ଧାରରେ ସେ ରୋଷେଇ କରିପାରି ନଥିଲେ । ପ୍ରୀତି ଆଉ ନିଜକୁ ରୋକି ପାରିଲାନି । ଭେଁ କରି କାନ୍ଦି ଉଠିଲା । ବାପା ପଚାରିବାରୁ କୋହ ଉଠେଇ କହିଲା, "ଦେଖ ନା ପାପା ! ଆଜି କେତେ କଷ୍ଟ ହେଲାଣି । ପ୍ରଥମେ ତ ଓଦା ହେଇ ଯାଇଥିଲା ମୋ ଡ୍ରେସ୍ । ତା' ପରେ ଏତେ ସମୟ ହେଲା ଗରମ, ଅନ୍ଧାରରେ ରହିବାକୁ ହେଲା ଆଉ ପୁଣି ସନ୍ଧ୍ୟାରେ ବିସ୍କୁଟ, ଏବେ ଚୁଡ଼ା ଖାଇବାକୁ ପଡୁଛି । ଏମିତି କେମିତି ହେବ କହିଲ?"

ବାପା କହିଲେ, "ଏଇଟା ତ ସତରେ ଭାରି ଅଡୁଆ କଥା ହେଲା । ଗୋଟେ କାମ କରିବା । ଚାଲ ଆମେ କେଉଁ ରେଷ୍ଟୁରାଣ୍ଟକୁ ଯିବା । ଖାଇଦେଇ ଲଜିଂରେ ରାତିଟା ରହିଯିବା । କାଲି ସକାଳୁ ଫେରିବା ।"

ପ୍ରୀତି ଏକଥା ଶୁଣି ଖୁସିରେ ଡେଇଁ ଉଠିଲା । ସଙ୍ଗେ ସଙ୍ଗେ ଗାଡ଼ିନେଇ ସେମାନେ ବାହାରିଗଲେ । ଏସି ରୁମର ନିଅନ୍ ଆଲୁଅରେ ମେନୁ ଭିତରୁ ଗରମା ଗରମ ଖାଇବା ଅଡ଼ର କରି ରେଷ୍ଟୁରାଣ୍ଟରେ ବସିଥିଲା ବେଳେ ମା' କହିଲେ, "ପ୍ରୀତି, ଆଜି ଗୋଟିଏ ଦିନ ଟିକେ ସମୟ ଅଳ୍ପ ଓଦା ଡ୍ରେସ୍ ପିନ୍ଧି ଅନ୍ଧାରରେ, ଗରମରେ ରହିଲୁ ଆଉ ନିଜ ପସନ୍ଦ ଖାଇବା ନ ମିଳିବାରୁ ତୋତେ ଏତେ କଷ୍ଟ ହେଲା । ଥରେ ଭାବିଲୁ ଯେଉଁଠି ବନ୍ୟା ହୋଇଛି ସେଇଠି ଲୋକେ କେତେ କେତେ ଦିନ ଧରି ଏହିପରି କଷ୍ଟ ସହୁଥିବେ? ସେମାନଙ୍କ ଜିନିଷପତ୍ର, କପଡ଼ା ସବୁ ଓଦା ହୋଇ ଭାସି ଯାଇଥିବ, କେତେ ସମୟ ଧରି ସେମାନେ ଶୁଖିଲା ଖାଦ୍ୟ କି ଚୁଡ଼ା



ଖାଇ ରହିଥିବେ? ଅନ୍ଧାର ଆଉ ଗରମରେ କେତେ କଷ୍ଟ ପାଉଥିବେ? ତା' ସହିତ ପାଣି ଯୋଗୁଁ ପୋକଜୋକର ଭୟ ମଧ୍ୟ ରହିଥାଏ । ଅସୁସ୍ଥ ହୋଇ ପଡୁଥିବେ ସେମାନେ...!! ଭାବିଲୁ କ'ଣ ଲାଗୁଥିବ? ଏଇ ଦେଖ, ବନ୍ୟା ସମୟର ଲାଇଭ ନିଉଜ୍ ।"

ନିଜ ମୋବାଇଲରେ ନ୍ୟୁଜ୍ ଖୋଲି ଦେଖେଇଲେ ପ୍ରୀତିକୁ । ପ୍ରୀତି ଦେଖୁଥିଲା କିପରି ବନ୍ୟାପାଣି ଘରମାନଙ୍କରେ ପଶି ଯାଇଛି ଆଉ ରାସ୍ତାଘାଟରେ ଅନବରତ ସୁଅ ଛୁଟି ଚାଲିଛି ! ଲୋକେ ସେହି ପାଣି ଭିତରେ ଭିଜି ବିକଳ ହୋଇ ଠିଆ ହୋଇଛନ୍ତି ଆଉ ରିଲିଫ ପୁଡ଼ିଆ ପାଇଁ ଅପେକ୍ଷା କରି ରହିଛନ୍ତି । ଛୋଟ ପିଲାମାନେ ମଧ୍ୟ ଖୋଲା ଦେହରେ ପାଣି ଭିତରେ ସାହାଯ୍ୟ ପାଇଁ

ଅପେକ୍ଷା କରିଥିବା ଦେଖି ପ୍ରୀତିର ଆଖିକୁ ଲୁହ ଆସିଗଲା । ସେ ଅନୁଭବ କରି ପାରୁଥିଲା ସେମାନଙ୍କ କଷ୍ଟକୁ । ଖାଇବା ସମୟରେ ଅନ୍ୟମନସ୍କ ହୋଇଗଲା ସେ । ମା' ଠିକ୍ ଲକ୍ଷ୍ୟ କରିଥିଲେ ସେ ଦୁଃଖୀ ହୋଇଯାଇଥିଲା ।

ଖାଇବା ସରିବା ପରେ ସେମାନେ ଲଞ୍ଚିଂ ନଯାଇ ଘରକୁ ଫେରି ଆସିଲେ । ଘରେ ପହଞ୍ଚିବା ପରେ ମା' ମେନ୍ ସ୍ୱିଚ ଅନ୍ କରିଦେବାରୁ ଘରର ଲାଇନ୍ ଆସିଲା । ପ୍ରୀତି ଠିକ୍ ବୁଝି ପାରିଥିଲା, ମା' ଏସବୁ ଜାଣିଶୁଣି କରିଥିଲେ । ତା' ମୁଣ୍ଡ ଆଉଁସି ମା' କହିଲେ, "ଏବେ ବୁଝିଗଲୁ ନା? ବନ୍ୟା ଅଞ୍ଚଳ କେଉଁ ପିକନିକ୍ କି ବୁଲିବା ଜାଗା ନୁହେଁ ବରଂ ଏମିତି ଏକ ସଂଘର୍ଷର ସ୍ଥାନ ଯେଉଁଠି ପ୍ରକୃତି ଯୋଗୁଁ ମଣିଷ ବହୁତ୍ ଅସୁବିଧାରେ ପଡ଼େ । ଆମେ ବରଂ ସେମାନଙ୍କୁ କିଛି ସାହାଯ୍ୟ କଲେ ସେମାନଙ୍କର କଷ୍ଟ କିଛି କମ୍ ହେବ ।"

ପ୍ରୀତି ପଚାରିଲା, "କିନ୍ତୁ ଆମେ କେମିତି ସାହାଯ୍ୟ କରି ପାରିବା ମାମା?" ମା' ବୁଝେଇ ଦେଲେ, "ସେମାନଙ୍କୁ କିଛି ଭଲ କପଡ଼ା, ଚାଦର ଇତ୍ୟାଦି ଦେଇ ପାରିବା । ଖାଇବା ପଦାର୍ଥ ମଧ୍ୟ ଦେଇ ପାରିବା । ଆଉ ଔଷଧ ମଧ୍ୟ ଦେଇ ଆମେ କିଛି ସାହାଯ୍ୟ କରି ପାରିବା ।"

ଏଥର ଖୁସି ହୋଇ ପ୍ରୀତି କହିଲା, "ତା'ହେଲେ ମୁଁ ଯାଇ ଏସବୁ ଜିନିଷ ପ୍ୟାକ୍ କରୁଛି । ତମେ ଖାଇବା ଜିନିଷ ପ୍ୟାକ କରିଦିଅ । କାଲି ଆମେ ସେଠାକୁ ଯିବା ଆଉ ଏମିତି ଅସୁବିଧା ସମୟରେ ଲୋକଙ୍କୁ ସାହାଯ୍ୟ କରିବା । ମୋ ସାଙ୍ଗମାନଙ୍କୁ ମଧ୍ୟ ଫୋନ୍ କରି ଏମିତି କରିବାକୁ ମୁଁ ବୁଝେଇ ଦେବି ।"

* * *




ନିଜ କାମ ନିଜେ କର


ଶୀତରାତିରେ
ସାଥୀମେଳରେ



ହିମାଂଶୁ ଭୂଷଣ ସାହୁଙ୍କ

କର୍ମଫଳ

ପୁରୁଣା କଥାଟିଏ । ଜଣେ ଜମିଦାରଙ୍କର ଅଚଳା ଅଚଳ ସମ୍ପତ୍ତି ଥିଲା । ଧନକୁ ନେଇ ତାଙ୍କର ଗର୍ବ ନଥିଲା । ଚାଷୀମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ଦେଉଥିଲେ ଏବଂ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ତେଣୁ ସମସ୍ତେ ତାଙ୍କୁ ଖୁବ୍ ଭଲ ପାଉଥିଲେ । ପ୍ରତ୍ୟେକ ଦିନ ତାଙ୍କ ଉଆସ ପଛପଟ ଜଙ୍ଗଲରେ ଜୀବଜନ୍ତୁଙ୍କୁ ମଧ୍ୟ ଦାନା ଦେଉଥିଲେ । ଅନେକ ମୟୂର, ଗୁଣ୍ଡୁଚିମୂଷା, ମାଙ୍କଡ଼, କାଉ, ବଗ, ବଣି ଆସୁଥିଲେ । ଏମିତିକି ବେଳେବେଳେ ହାତୀ ମଧ୍ୟ ପହଞ୍ଚିଯାଇ ଜମିଦାରଙ୍କ ବାଡ଼ିରୁ କଦଳୀ ଖାଇଥାନ୍ତି । ଦାନ ଧର୍ମରେ ତାଙ୍କର ଜୀବନ ଅତିବାହିତ ହେଉଥିଲା ।

ଦିନକର ଘଟଣା; ଜମିଦାରଙ୍କ ନଦୀପଠା କ୍ଷେତ ପାଖରେ ଛୋଟ ବାଟବଣା ହାତୀ ଧାନ ଫସଲ ଖାଉଥାଏ । ସେ ଜମି ପାଖ ଗାଁ ଲୋକଙ୍କର । ସେ ଗାଁ ଲୋକ କିଛି ଏକାଠି ହୋଇ ହାତୀ ଛୁଆଟିକୁ ଧରି ନେଇଗଲେ । ଏ ଖବର ପହଞ୍ଚିଗଲା ଜମିଦାରଙ୍କ ପାଖରେ । ସେ ସଙ୍ଗେସଙ୍ଗେ ଗାଁକୁ ଗଲେ । ଦୁଷ୍ଟ ଲୋକମାନେ ହାତୀଟିକୁ ବାନ୍ଧି ରଖିଥିଲେ । ଜମିଦାର ଜାଣିଥିଲେ ସେ ଲୋକମାନେ ଅନେକଥର ଛୋଟ ହାତୀ ଜଙ୍ଗଲରୁ ଧରି ବିକ୍ରି କରିଦିଅନ୍ତି । ଜମିଦାର ଅନେକ ବୁଝାଇଲା ପରେ ମଧ୍ୟ ସେମାନେ ହାତୀର ମୂଲ୍ୟରେ ଅଟଳ ରହିଲେ । ସେ ଅଞ୍ଚଳରେ ଆଜି ଭଳି ପୋଲିସ ଥାନାର ବ୍ୟବସ୍ଥା ନଥିଲା, ତଥାପି ସେମାନଙ୍କୁ ଡରାଇବାକୁ ସେ ପୋଲିସର ସହାୟତା ନେଇପାରନ୍ତି ବୋଲି ଚେତାବନୀ ଦେଲେ ଏବଂ ଜମିଦାର ଅନେକ ଧନ ଦେଇ ହାତୀକୁ ମୁକୁଳାଇ ଆଣି ଜଙ୍ଗଲ ଭିତରେ ନେଇ ଛାଡ଼ିଦେଇ ଆସିଲେ । ଜମିଦାରଙ୍କ ଜୟଜୟକାର ହେଲା ।

କିଛିଦିନ କଟିଗଲା । ଦିନକର ଘଟଣା ଜମିଦାର ଜଙ୍ଗଲ ଭିତରକୁ କିଛି ଫଳ ଓ ପୁଷ୍ପ ସଂଗ୍ରହ ପାଇଁ ଯାଇଥାନ୍ତି । ତାଙ୍କ ସହ ଦୁଇଜଣ ସହଯୋଗୀ ମଧ୍ୟ ଥା'ନ୍ତି । ସେହି ସମୟରେ ହଠାତ୍ କିଛିଲୋକ ଏମାନଙ୍କୁ ଆକ୍ରମଣ କରି ଜମିଦାରଙ୍କୁ ବନ୍ଦୀ କରିନେଲେ । ଜମିଦାରଙ୍କ ସହ ଯେଉଁ ଦୁଇଜଣ ଲୋକ ଆସିଥିଲେ ସେମାନେ ଭୟଭୀତ ହୋଇ ଚାଲିଗଲେ । ସେ ଲୋକସବୁ ନଦୀ ପାଖ ଗାଁର, ଯେଉଁମାନଙ୍କ ଠାରୁ ସେ ହାତୀ ଛୁଆଟିକୁ ଉଦ୍ଧାର କରିଥିଲେ । ଦୁଷ୍ଟ

ଲୋକମାନଙ୍କ ମଧ୍ୟରୁ ଜଣେ କହିଲା, "ତୁମେ ଏ ଅଞ୍ଚଳର ଜୀବଜନ୍ତୁଙ୍କୁ ରକ୍ଷା କରୁଛ ଏବଂ ଆମମାନଙ୍କ ବିରୁଦ୍ଧରେ ଲୋକଙ୍କୁ ମତାଉଛ । ତେଣୁ ଆମେ ଆମ ବେପାର ବନ୍ଦ ହେବାକୁ ବସିଲାଣି । ଶିକାର ମଧ୍ୟ ମିଳୁ ନାହାଁନ୍ତି । ଯଦି ତୁମକୁ ମାରି ଦିଆଯାଏ ତେବେ ଆମେ ପୁଣି ଶିକାର କରି ବ୍ୟବସାୟ କରିପାରିବୁ ।"

ଜମିଦାର ସେମାନଙ୍କୁ ବୁଝେଇଲେ, "ଜୀବଜନ୍ତୁଙ୍କୁ ମାରିଦେବା ଦ୍ୱାରା ପରିବେଶ ସନ୍ତୁଳନ ହରାଇବ । ଜୀବଜନ୍ତୁ ନ ରହିଲେ ଲୋକେ ଭୟମୁକ୍ତ ହୋଇ ଜଙ୍ଗଲ କାଟିବେ, ଜଙ୍ଗଲ ନଷ୍ଟ ହେଲେ ଅଙ୍ଗାରକାମ୍ଳ ବଢ଼ିବା ଦ୍ୱାରା ଆମର ହିଁ କ୍ଷୟକ୍ଷତି ହେବ ।"

ସେ ଦୁଷ୍ଟ ଲୋକ ସବୁ ଜମିଦାରଙ୍କ କଥାକୁ ଉପହାସରେ ଉଡ଼େଇ ଦେଲେ । ଏତିକିବେଳେ ହାତୀମାନଙ୍କର ପେଁ ପେଁ ଶବ୍ଦ ଶୁଭିଲା । ଦେଖୁଦେଖୁ ହାତୀଙ୍କ ସହ ଅନେକ ପଶୁପକ୍ଷୀ ମଧ୍ୟ ଠୁଳ ହୋଇସାରିଥିଲେ । ଜମିଦାର ଯେଉଁଠି ବନ୍ଧା ହୋଇଥିଲେ ସେଇ ବାଟ ଦେଇ ସେ ଜୀବଜନ୍ତୁ ପ୍ରତ୍ୟକ ଦିନ ଜମିଦାରଙ୍କ ଉଆସ ପାଖକୁ ଯାଆନ୍ତି । ସେମାନେ ଜମିଦାରଙ୍କୁ ଏପରି ଅବସ୍ଥାରେ ଦେଖି ସବୁ ବୁଝିଗଲେ ଏବଂ ସେ ଦୁଷ୍ଟ ଲୋକଗୁଡ଼ିଙ୍କ ଉପରେ ଆକ୍ରମଣ କରିଦେଲେ । ସେ ଲୋକସବୁ ନିଜକୁ ବଞ୍ଚେଇବାକୁ ଦୌଡ଼ି ପଳେଇ ଗଲେ । ସେତେବେଳକୁ ଜମିଦାରଙ୍କ ସହଯୋଗୀ ଦୁଇଜଣ କିଛି ଗାଁ ଲୋକଙ୍କ ସହ ପହଞ୍ଚି ତାଙ୍କୁ ମୁକୁଳାଇଲେ ।

ଜମିଦାର ବୁଝିଗଲେ କି କେବଳ ମନୁଷ୍ୟ ନୁହେଁ ବରଂ ଜୀବଜନ୍ତୁ ମଧ୍ୟ ନିଜର ସଚ୍ଚୋଟ ଓ ସାହସ ଦେଖାଇଥାନ୍ତି । ଭଲକାମ କରିବାରେ ଯେ କେତେ ବଡ଼ ପ୍ରତିଦାନ ମିଳେ ସଭିଏଁ ଜାଣିଲେ ।

* * *







ଶ୍ରେୟାଂଶ ଷଡ଼ଙ୍ଗୀ
(ଭୁବନେଶ୍ୱର)







ଶରଣ୍ୟା ମହାନ୍ତି
(ଭୁବନେଶ୍ୱର)

ଲକ୍ଷ୍ମୀ କାନ୍ତ ବେହେରାଙ୍କ

ସାହେବ

ସୁନ୍ଦରପୁର ଛକରେ ଶଶୀ ମଉସାଙ୍କ ଚା' ଦୋକାନ ବିଷୟରେ କିଏ ନ ଜାଣେ? ଶଶୀ ମଉସା ଯେମିତି ଭଲ ଲୋକ ତାଙ୍କ ଚାହା ବି ମନ ମତାଣିଆ, ସେଥିପାଇଁ ତ ଗରିବଠୁ ବଡ଼ ବଡ଼ ସାହେବ ତାଙ୍କ ଦୋକାନରେ ଭିଡ଼ ଜମାନ୍ତି । ତାଙ୍କ ଦୋକାନରେ ୧୦ ବର୍ଷର ଗରିବ ବାପ ଛେଉଣ୍ଡ ପିଲାଟିଏ କାମ କରେ, ନାଁ ତା'ର ଛୋଟୁ । ଗରାଖ ମାନଙ୍କର ପ୍ରଥମ ପସନ୍ଦ ଛୋଟୁ ହାତରୁ ଚା' ପିଇବା ପାଇଁ କାରଣ ତା'ର ଡଉଲ ଡାଉଲ ଚେହେରା ସାଙ୍ଗକୁ ତା'ର କଅଁଳିଆ କଣ୍ଠରେ ଗରମ ଗରମ ଗୁଜୁରାତି ମିଶା ଚା' ଡାକ ପକେଇବା ସ୍ୱରଟା ଭାରି ଆପଣାର ଲାଗେ । ସକାଳୁ ସକାଳୁ ସାହେବ ମାନଙ୍କୁ 'ଗୁଡ୍ ମର୍ନିଂ ସାର' କହି ଚା' କପ୍‌ଟି ବଢ଼ାଇ ଦିଏ ଓ କେତେ ମନ ମତାଣିଆ କଥା ସେମାନଙ୍କ ସହ ଗପିଯାଏ ।

ଛୋଟୁ ଓ ତା'ର ରୋଗିଣା ମାଆ ପାଖ ବସ୍ତିର ଶେଷ ମୁଣ୍ଡରେ ରୁହନ୍ତି । ପଲିଥିନ୍ ପକା ନୂଆଣିଆ ଛୋଟ ଚାଳ ଘର, ମାଆ ତା'ର ପର ଘରେ ବାସନ ମାଜେ ଓ ଛୋଟୁ ଯାହା କିଛି ରୋଜଗାର ହୁଏ ସେମାନେ କଷ୍ଟେ ମଷ୍ଟେ ଚଳିଯାନ୍ତି । ସେହି କଷ୍ଟ ଭିତରେ ଛୋଟୁ ସ୍କୁଲ ପଢ଼ା ଛାଡ଼ିନି; ୩ ଦିନ ଶଶୀ ମଉସାଙ୍କ ଦୋକାନରେ କାମ କରେ ଓ ୩ ଦିନ ସ୍କୁଲ ଯାଏ । ଛୋଟୁ ମଧ୍ୟ ଖତ ଗଦାର ପଦ୍ମ ପରି ପାଠରେ ଯେମିତି ସବୁଠୁ ଆଗୁଆ ବୁଦ୍ଧିରେ ଭାରି ପାରଙ୍ଗମ । କ୍ଷଣକରେ ଆପଣାର କରିନେବା ପଣିଆଟା ଅଛି ତା' ପାଖରେ । ସେଥିପାଇଁ ସ୍କୁଲରେ ସବୁ ସାର୍ ଖୁବ୍ ସ୍ନେହ ଓ ଆଦର କରନ୍ତି ତାକୁ । କେବେ ଅନୁପସ୍ଥିତର କାରଣ ବି ପଚାରନ୍ତିନି । ତା' ଜୀବନର ଗୋଟାଏ ଲକ୍ଷ୍ୟ ହେଲା ସେ ବଡ଼ ହେଲେ ସାହେବ ହେବ । ଚାହା ଦୋକାନରେ ସାହେବମାନଙ୍କୁ ଦେଖି ସେ କେତେ କଥା ଭାବିଯାଏ । ବେଳେ ବେଳେ ଆଇନ୍ ଆଗରେ ସାହେବମାନଙ୍କ ଚାହାଣିରେ ଅନାଏ ଓ କ'ଣ ଗୁଡ଼ାଏ କଥା ମନକୁ ମନ କହି ପକାଏ । ସ୍କୁଲରେ ସାର୍‌ମାନେ ଯଦି କେବେ ପଚାରନ୍ତି ପିଲାମାନେ ତୁମେ ବଡ଼ ହେଲେ କ'ଣ ହେବ? ଛୋଟୁ ତା' ନିଜ ତରଫରୁ ଛିଡ଼ା ହେଇ କହେ ସାର୍ ମୁଁ ସାହେବ ହେବି । ସାର୍ ମୁରୁକି ହସି କୁହନ୍ତି କିଏ ଶିକ୍ଷକ, ଡାକ୍ତର, ନହେଲେ ଇଂଜିନିୟର କୁହେ ତୋ'ର ଇଏ କି ବୃତ୍ତି । କିନ୍ତୁ ତା'ର ଗୋଟାଏ ଜିଦ୍ ସେ ସାହେବ ହେବ ।

ଦିନେ ଛୋଟୁର ମା' ଦେହେରେ ତାତି ଥାଏ, ସେ ଆସିଲା ବେଳକୁ ତା' ମାଆକୁ କହି ଆସିଲା, "ଶଶୀ ମଉସାଙ୍କ ଦୋକାନରୁ ସଅଳ ଫେରି ଆସିବି ଓ ଆସିଲା ବେଳେ ତୋ' ପାଇଁ ଡାକ୍ତର ବାବୁଙ୍କୁ କହି ଔଷଧ ନେଇ ଆସିବି, ତୁ ଜମା ବ୍ୟସ୍ତ ହେବୁନୁ ।" ସେଦିନ ଛୋଟୁ ସଅଳ କାମ ସାରି ଫେରିବ ।



ଶିଶୁପଲବ

ବେଳେ ତାଙ୍କ ସ୍କୁଲର ରଘୁ ସାର୍‌ଙ୍କ ସହ ଦେଖା ହୁଏ । ସାର୍ କହିଲେ ତୁ ତ ୩ ଦିନ ହେଲା ସ୍କୁଲ ଆସୁନଥିଲୁ ବାଧ ହେଇ ତୋ' ପାଖକୁ ଆସିବାକୁ ପଡ଼ିଲା; "ଛୋଟୁ ତୁ ଆମ ସ୍କୁଲର ନାଁ ରଖିଦେଲୁରେ, ପଞ୍ଚମରେ ତୁ ବୃତ୍ତି ପାଇଛୁ ପୁଣି ଆମ ବ୍ଲକରେ ପ୍ରଥମ ହେଇଛୁ ସତରେ ତୁ ଦିନେ ସାହେବ ହେବୁ ।" ସେଦିନ ଛୋଟୁ ଖୁସି ହେଇ ସାରଙ୍କୁ ପ୍ରଣାମ କରି ଡାକ୍ତର ବାବୁଙ୍କଠୁ ଔଷଧ ନେଇ ମା' ପାଖକୁ ଧାଇଁଗଲା ଏ ଖୁସି ଖବର ଦେବାକୁ । ହଠାତ୍ ତା'ର ନଜର ପଡ଼ିଲା କେଉଁ ରାକ୍ଷସ ତା' ବସ୍ତିକୁ ଭାଙ୍ଗି ଚୁରମାର୍ କରିଦେଉଛି । ସେ ଆଗକୁ ଯାଇ ଦେଖିଲା ତା' ହାତରୁ ଚାହା ପିଉଥିବା ସାହେବଙ୍କ ଭିତରୁ, ଜଣଙ୍କ ନିର୍ଦ୍ଦେଶରେ ଡ୍ରାଇଭର୍‌ଟି ବସ୍ତିର ଘର ଗୁଡ଼ାକୁ ମଣ୍ଡାଖିଆ ଅସୁର ପରି ଗିଳି ଚାଲିଛି । ଛୋଟୁ ଯାଇ କହିଲା, "ସାର ମୁଁ ଛୋଟୁ ଆମ ଘରକୁ ଭାଙ୍ଗନ୍ତୁ ନାହିଁ, ମୋ ମାଆ ଦେହ ଭାରି ଖରାପ ଆମେ ରହିବୁ କେଉଁଠି?" ସାହେବ କହିଲେ, "ଯା' ଏଠୁ ପଳା ।" ଛୋଟୁ ଗୋଡ଼ ଧରିଲା କାକୁତି ମିନତି ହେଲା, ସାହେବ ତାକୁ ଗୋଡ଼ରେ ପେଲି ଦେଲେ, ନିମିଷେକରେ ତା'ର ସେଇ ଚାଳ ଘର ଧୂଳିରେ ମିଶିଗଲା ।

ମନ୍ଦିର ବାରଣ୍ଡାରେ ମା' କୋଳରେ ଶୋଇଥିଲା ବେଳେ ଛୋଟୁ ବିଳି ବିଳେଇ ହେଉଥିଲା, "ମାଆ ମୁଁ ଆଉ ସାହେବ ହେବେନି ତୁ ଆଉ କାନ୍ଦେନି ।" ସେତିକି ବେଳେ ମନ୍ଦିରର ସନ୍ଧ୍ୟା ଆଳତିର ଘଣ୍ଟା ଜୋର୍‌ରେ ବାଜି ଉଠୁଥିଲା ଟଙ୍ଗ୍ ଟଙ୍ଗ୍ । ଆଉ ଛୋଟୁର ସାହେବ ହେବାର ସ୍ୱପ୍ନ ଆସ୍ତେ ଆସ୍ତେ ଲିଭି ଲିଭି ଯାଉଥିଲା ।

* * *





ପଢୁଆଁ ଝୁଅ ଆମର

କୁଆଁର ପୂନେଇଁ ଜହ୍ନ ଗୋ



ଖୁସିର ଏକ ମୁହୂର୍ତ୍ତ









ସ୍ମୃତି ସ୍ମରିତା ସେଠୀ

Shubhapallaba started as an online Odia magazine. Later the web portals of this magazine are available in various Indian languages like Sanskrit, Hindi, Bengali, Punjabi, Telugu along with English. In 2021, Shubhapallaba started its book publishing house as Shubhapallaba Publication and later developed a mobile app and website as ShubhaVani for the audio books, podcasts, etc. Apart from that, Shubhapallaba Store is there to distribute Odia books as well as some local items through e-commerce business.



Shubhpallaba Publication

+91 7008899643